# NATIONAL NEWS BULLETIN (ODIA)

**16 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ନିଶାମୁକ୍ତ ଭାରତ ଅଭିଯାନରେ ସାମିଲ ହେବା ଲାଗି ଦେଶର ସମସ୍ତ ଶିକ୍ଷାନୁଷ୍ଠାନଙ୍କୁ ଆହ୍ୱାନ ଦେଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ୨୦୨୫-୨୬ ଆକଳନ ବର୍ଷ ନିମନ୍ତେ ଆୟକର ଦାଖଲ ସମୟସୀମା ଆଜି ରାତି ୧୨ଟା ଯାଏଁ ବୃଦ୍ଧି ।
- ଜଙ୍ଗଲ ସଂରକ୍ଷଣରୁ ଆରମ୍ଭ କରି ପ୍ରାକୃତିକ ଶକ୍ତି ଉତ୍ସର ବିକାଶ ପର୍ଯ୍ୟନ୍ତ ଭାରତର ପ୍ରଗତିକୁ ସାରା ବିଶ୍ୱର ପ୍ରଶଂସା ।

ଏବଂ

- ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ବାଂଲାଦେଶ-ଆଫ୍ଗାନିସ୍ତାନ ମଧ୍ୟରେ ହେବ ମୁକାବିଲା ।

## ଅମିତ ଶାହା-ଡ୍ରଗ୍ସ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀରେ ନିଶାନିବାରଣ ଟାସ୍କଫୋର୍ସ୍‌ର ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ମୁଖ୍ୟଙ୍କ ଦ୍ୱିତୀୟ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି । ସମ୍ମିଳନୀରେ ୩୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ନିଶାଦ୍ରବ୍ୟ ନିରୋଧି ଟାସ୍କଫୋର୍ସ୍ ମୁଖ୍ୟ ଏବଂ ଅନ୍ୟ ଅଧିକାରୀମାନେ ଯୋଗଦେଇଛନ୍ତି । ଏହି ସମ୍ମିଳନୀ ଉଦ୍ଦେଶ୍ୟ ହେଉଛି – ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଶା ମୁକ୍ତ ଭାରତ ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଏବଂ ଏହି ଲକ୍ଷ୍ୟ ହାସଲ ପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ।

ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି – ମିଳିତ ସଂକଳ୍ପ, ସହଭାଗି ଦାୟିତ୍ୱ । ଏହି ଦୁଇଦିନିଆ ସମ୍ମିଳନୀରେ ଦେଶରେ ନିଶା କାରବାର ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ସହ ଭବିଷ୍ୟତ ପାଇଁ ଏକ ସୁଦୃଢ଼ ଉପାୟ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା କରାଯିବ ।

ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ଦେଶର ୩୭୨ଟି ଜିଲ୍ଲାରେ ନିଶାମୁକ୍ତ ଭାରତ ଅଭିଯାନ ଜାରି ରହିଛି ଏବଂ ୧୦କୋଟି ନାଗରିକ ତଥା ୩ଲକ୍ଷରୁ ଅଧିକ ଶିକ୍ଷାନୁଷ୍ଠାନକୁ ଏହି ଅଭିଯାନରେ ସାମିଲ କରାଯାଇଛି । ଆଗାମୀ ଦିନରେ ଦେଶର ସମସ୍ତ ଶିକ୍ଷାନୁଷ୍ଠାନ ଏହି ଅଭିଯାନରେ ସାମିଲ ହେବା ଲାଗି ସେ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି କେନ୍ଦ୍ର ଓ ସମସ୍ତ ରାଜ୍ୟ ସରକାର ମିଳିତଭାବେ କାର୍ଯ୍ୟ କଲେ ନିଶାମୁକ୍ତ ଭାରତ ଗଠନ ସମ୍ଭବ ହୋଇପାରିବ ।

**V/O (Amit Saha-Durg Free E Campain)**

ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ନାର୍କୋଟିକ୍ କଣ୍ଟ୍ରୋଲ୍ ବ୍ୟୁରୋର ବାର୍ଷିକ ରିପୋର୍ଟ୍ ଉନ୍ମୋଚନ କରିଛନ୍ତି ।

# ସିବିଡିଟି-ଆଇଟିଆର୍ ଏକ୍ସଟେନ୍‌ସନ୍

କେନ୍ଦ୍ରୀୟ ପ୍ରତ୍ୟକ୍ଷ କରବୋର୍ଡ୍ ସି.ବି.ଡି.ଟି. ଆକଳନ ବର୍ଷ ୨୦୨୫-୨୬ ନିମନ୍ତେ ଆଜି ଗୋଟିଏ ଦିନ ପାଇଁ ଆୟକର ଦାଖଲ ସମୟସୀମା ବୃଦ୍ଧି କରିଛନ୍ତି । ଗତକାଲି ଏହାର ଶେଷ ତାରିଖ ଥିଲା । ଗୋଟିଏ ଦିନ ଅବଧି ବୃଦ୍ଧି ପାଇବା ନେଇ ଗତ ରାତିରେ ବିଭାଗ ପକ୍ଷରୁ ସାମାଜିକ

ଗଣମାଧ୍ୟମରେ ସୂଚନା ଦିଆଯାଇଛି । ଫଳରେ ଆଜି ରାତି ୧୨ଟା ପର୍ଯ୍ୟନ୍ତ ଆୟକର ଦାଖଲ କରାଯାଇପାରିବ । ପ୍ରଥମେ ଆୟକର ଦାଖଲର ସମୟସୀମା ଚଳିତ ବର୍ଷ ଜୁଲାଇ ୩୧ ତାରିଖ ଥିବା ବେଳେ ଏହାକୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ସୂଚନା ଅନୁଯାୟୀ ୨୦୨୫-୨୬ ଆକଳନ ବର୍ଷ ଲାଗି ୭ କୋଟିରୁ ଅଧିକ ଆୟକର ଦାଖଲ ହୋଇଥିବା ବିଭାଗ କହିଛି ।

# ସେବା ପର୍ବ – ଏନର୍ଜି

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ଅହରହ ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାର କିଭଳି ଭାରତକୁ ବିଶ୍ୱ ଦରବାରରେ  ଜଳବାୟୁ କ୍ଷେତ୍ରରେ ଅଗ୍ରଣୀ କରିପାରିଛନ୍ତି ।

ଦେଶର ବର୍ଦ୍ଧିତ ଶକ୍ତି ଆବଶ୍ୟକତା ପୂରଣ ସମେତ ଗତ ୧୧ ବର୍ଷ ମଧ୍ୟରେ ଜଳବାୟୁ ଜନିତ ବିଭିନ୍ନ ସମସ୍ୟାର ଦୂରୀକରଣ କ୍ଷେତ୍ରରେ କେନ୍ଦ୍ର ସରକାର ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି । ଜଙ୍ଗଲ ସଂରକ୍ଷଣଠାରୁ ଆରମ୍ଭ କରି ବିଶ୍ୱସ୍ତରରେ ଅଭିବୃଦ୍ଧି ଏବଂ ସ୍ଥାୟୀତ୍ୱର ନିଦର୍ଶନ ସ୍ଥାପନ ନିମନ୍ତେ ସରକାର ବିଭିନ୍ନ ପ୍ରାକୃତିକ ଶକ୍ତି ଉତ୍ସର ବିକାଶ

କରିଛନ୍ତି । ପ୍ୟାରିସ୍‌ରେ କୋପ୍-୨୧ରେ ଭାରତ ୨୦୩୦ ସୁଦ୍ଧା ୪୦ ପ୍ରତିଶତ ସ୍ୱଚ୍ଛଶକ୍ତି କ୍ଷମତା ହାସଲ ଲାଗି ପ୍ରତିଶ୍ରୁତି ଦେଇଥିବାବେଳେ ୨୦୨୧ସୁଦ୍ଧା ଏହି ଲକ୍ଷ୍ୟ ହାସଲ କରିଥିଲା । ଗତବର୍ଷ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଗସ୍ତ ସମୟରେ କହିଥିଲେ, ଭାରତରେ ବିଶ୍ୱ ଜନସଂଖ୍ୟାର ୧୭ ପ୍ରତିଶତ ରହିଥିଲେ ମଧ୍ୟ ଅଙ୍ଗାରକ ନିର୍ଗମନ ହାର ୪ ପ୍ରତିଶତରୁ କମ୍ ରହିଛି ।

**V/O (PM Seva Parba)**

ଗତ ୧୧ବର୍ଷ ମଧ୍ୟରେ ପରିବେଶ ପାଇଁ ଜୀବନଶୈଳୀ ବିଷୟକୁ ଏକ ଆନ୍ଦୋଳନରେ ପରିବର୍ତ୍ତନ କରି ସରକାର ଜୀବନରେ ସରଳ ଏବଂ ସ୍ଥାୟୀ ବିକଳ୍ପ ଗ୍ରହଣ କରିବାର ଆହ୍ୱାନକୁ ବାସ୍ତବତାରେ ପରିଣତ କରିଛନ୍ତି । ବିଶ୍ୱର ଅନେକ ପ୍ରମୁଖ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜଳବାୟୁ ସମ୍ପର୍କିତ ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।

**V/O-End Music Seba Praba**

# ଜିଏସ୍‌ଟି-ଏଗ୍ରିକଲଚର୍

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ପରେ ଦେଶର ସମସ୍ତ କ୍ଷେତ୍ରରେ ଉତ୍ସାହ ଦେଖାଦେଇଛି । ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ନିବେଶକ ପର୍ଯ୍ୟନ୍ତ ଏବଂ ଶ୍ରମିକଠାରୁ ବୃହତ୍ ଶିଳ୍ପ ପତି ପର୍ଯ୍ୟନ୍ତ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜି.ଏସ୍.ଟି. ସଂସ୍କାରକୁ ସ୍ୱାଗତ କରୁଛନ୍ତି । ଗତମାସ ୧୫ ତାରିଖରେ ଦିଲ୍ଲୀର ଲାଲକିଲ୍ଲାରୁ ଶ୍ରୀ ମୋଦି ଦୀପାବଳି ପୂର୍ବରୁ ଦେଶବାସୀଙ୍କୁ ଜି.ଏସ୍.ଟି. ସଂସ୍କାରସ୍ୱରୂପ ଉପହାର ସମ୍ପର୍କରେ

ଘୋଷଣା କରିଥିଲେ । ଜି.ଏସ୍.ଟି. ପରିଷଦ ଗତ ୩ ତାରିଖରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ବାସ୍ତବତାରେ ରୂପାନ୍ତର କରିଛି । ଜି.ଏସ୍.ଟି. ଟିକସ ହାର ପୂର୍ବରୁ ୫ ଥାକିଆ ଥିବାବେଳେ ଏହାକୁ ପରିବର୍ତ୍ତନ କରାଯାଇ କେବଳ ୫ ଓ ୧୮ ପ୍ରତିଶତ ଅର୍ଥାତ୍ ୨ ଥାକିଆ କରାଯାଇଛି । ଫଳରେ ଦୈନନ୍ଦିନ ସାମଗ୍ରୀ ଉପରୁ ଟିକସ ହାର ବହୁ ପରିମାଣରେ ହ୍ରାସ ପାଇବା ଫଳରେ ଜନସାଧାରଣଙ୍କ ଜୀବନଧାରଣର ମାନ ଉନ୍ନତ ହେବ ବୋଲି କୁହାଯାଇଛି ।

ଜି.ଏସ୍.ଟି. ସଂସ୍କାରରେ କେନ୍ଦ୍ର ସରକାର କୃଷି କ୍ଷେତ୍ରରେ ବ୍ୟାପକ ରିହାତି ପ୍ରଦାନ କରିଛନ୍ତି । ୧୮୦୦ ସି.ସି.ରୁ କମ୍ ଶକ୍ତି ବିଶିଷ୍ଟ ଟ୍ରାକ୍ଟର ଉପରେ ଜି.ଏସ୍.ଟି. ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଥିବା ବେଳେ ଟାୟାର୍, ଟ୍ୟୁବ୍, ହାଇଡ୍ରୋଲିକ୍ ପମ୍ପ ଏବଂ ଅନ୍ୟାନ୍ୟ ଉପକରଣ ଉପରେ ମଧ୍ୟ ଜି.ଏସ୍.ଟି. ହାରକୁ ୧୮ରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଅନ୍ୟ ପକ୍ଷରେ ଜି.ଏସ୍.ଟି. ପରିଷଦ ନିର୍ଦ୍ଧାରିତ ଜୈବ କିଟନାସକ ଏବଂ ଜଳସେଚନ କ୍ଷେତ୍ରରେ ବ୍ୟବହାର ହେଉଥିବା ବିଭିନ୍ନ ଯନ୍ତ୍ରାଂଶ ଉପରେ ଜି.ଏସ୍.ଟି. ହାରକୁ ୫ ପ୍ରତିଶତକୁ ହ୍ରାସ କରିଛନ୍ତି । କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଜି.ଏସ୍.ଟି. ପରିଷଦ ବୈଠକରେ ସମଜଡ଼ିତ ଶିଳ୍ପକୁ ପ୍ରାଧାନ୍ୟ ଦିଆଯାଇଛି । ଯାହାଫଳରେ କୃଷି ଏବଂ କୃଷି କ୍ଷେତ୍ର ଗୁଡ଼ିକ ଅଧିକ ଲାଭ ପାଇପାରିବେ । ଏହି ପରିବର୍ତ୍ତନ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ଅଧିକ ଲାଭାନ୍ୱିତ କରିବ । ଅନ୍ୟ ପକ୍ଷରେ କୃଷି କ୍ଷେତ୍ରରେ ମଧ୍ୟ ଖର୍ଚ୍ଚ କାଟ୍ କରାଯାଇପାରିବ ବୋଲି କୁହାଯାଇଛି । କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ

ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି ଜିଏସ୍‌ଟି ଟିକସ ହ୍ରାସ କୃଷି କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିଛି । କୃଷକମାନଙ୍କ ସାମଗ୍ରିକ ବିକାଶ ଦିଗରେ ଏହା ସହାୟକ ହେବ ବୋଲି ସେ କହିଛନ୍ତି ।

**V/O (Shivraj Singh Chouhan)**

# ପିଏମ୍-ଶାହା-ରାଜନାଥ-ଆନନ୍ଦକୁମାର

ଚୀନ୍‌ରେ ଆୟୋଜି ସ୍ପିଡ୍ ସ୍କେଟିଂ ବିଶ୍ୱ ଚାମ୍ପିୟନସିପ୍ ୨୦୨୫ର ବରିଷ୍ଠ ପୁରୁଷ ବର୍ଗରେ ହଜାରେ ମିଟର ସ୍ପ୍ରିଣ୍ଟ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଆନନ୍ଦକୁମାର ଭେଲକୁମାରଙ୍କୁ  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଆନନ୍ଦନକୁମାର ଭେଲକୁମାରଙ୍କ ଧୈର୍ଯ୍ୟ, ଗତି ଏବଂ ଉତ୍ସାହ ତାଙ୍କୁ ସ୍କେଟିଂରେ ଭାରତର ପ୍ରଥମ ବିଶ୍ୱ ଚାମ୍ପିୟନ କରିଛି । ତାଙ୍କର ଏହି ସଫଳତା ଅସଂଖ୍ୟ ଯୁବପିଢ଼ୀଙ୍କୁ ପ୍ରେରଣା ଯୋଗାଇବ ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ଭେଲକୋମାର ତାଙ୍କ ଦକ୍ଷତା, ଚପଳତା ଏବଂ ସଠିକତା ସହିତ ଅସଂଖ୍ୟ ଆଥଲେଟଙ୍କ ପାଇଁ ଏକ ପ୍ରେରଣାଦାୟୀ ଉଦାହରଣ ସୃଷ୍ଟି କରିଛନ୍ତି । ସ୍କେଟିଂରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣପଦକ ଦେଇଥିବାରୁ ଶ୍ରୀ ଶାହା ଭେଲକୁମାରଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

ସେହିପରି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଆନନ୍ଦକୁମାର ଭେଲକୁମାର ଏକ ଅସାଧାରଣ ସମୟ ସହିତ ଟାଇଟଲ ଜିତି ଦେଶକୁ ଗର୍ବିତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସିଂହ କହିଛନ୍ତି

ଭେଲକମ୍ମାରଙ୍କ ଏହି ବିଜୟ ଭାରତୀୟ କ୍ରୀଡ଼ା ପାଇଁ ଏକ ମହତ୍ୱପୂର୍ଣ୍ଣ ମୁହୂର୍ତ୍ତ ଯାହା ପରବର୍ତ୍ତୀ ପୀଢ଼ିକୁ ପ୍ରେରଣା ଯୋଗାଇବ ।

## ଏସିଆକପ୍ କ୍ରିକେଟ୍

ଏସିଆକପ୍ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଆବୁଧାବିରେ ଭାରତୀୟ ସମୟ ରାତି ୮ଟାରେ ବାଂଲାଦେଶ ଏବଂ ଆଫ୍ଗାନିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଶ୍ରୀଲଙ୍କା ୪ ୱିକେଟ୍‌ରେ ହଂକଂକୁ ପରାସ୍ତ କରିଛି । ଶ୍ରୀଲଙ୍କାର ନିଶାଙ୍କ ୪୮ଟି ବଲ୍‌ରୁ ୬୮ରନ୍ ସ୍କୋର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ଆବୁଧାବିର ଜାୟଦ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଗ୍ରୁପ୍-ଏ'ର ଅନ୍ୟ ଏକ ମ୍ୟାଚ୍‌ରେ ୟୁ.ଏ.ଇ. ୪୨ରନ୍‌ରେ ଓମାନ୍‌କୁ ପରାସ୍ତ କରିଛି ।